କରିବାକୁ । ସେଗୁଡ଼ା ବି ବେଖାତିର କରିବା ଆରମ୍ଭ କଲେଣି— ମା’ କଥାକୁ ଓ ମା ପାଖକୁ ଧାଉଁଥିବା ନରେଶକୁ । ଡର ଲାଗେ— କଥାଟା କେତେ ଅସୁନ୍ଦର ଦିଶିଲାଣି ।

ତଥାପି ନରେଶର ଧାଁଦଉଡ଼ କମି ନ ଥିଲା । ତାହାର କାରଣ ହେଉଛି ଅଳକାଦେବୀଙ୍କର ପ୍ରତିଭା । ଅଳକାର କଥା ଓ କାମ କେତେ ବିଚକ୍ଷଣ । ସବୁ ସନ୍ଦେହ, ସମସ୍ତଙ୍କର ଅଭିଯୋଗକୁ ସେ ଉଡ଼େଇଦିଏ । ଅଳକାର ସ୍ୱାମୀ ଓ ପିଲାମାନେ ଯେମିତି ଇଚ୍ଛା ସେମିତି ବ୍ୟବହାର ନରେଶକୁ ଦେଖାନ୍ତି । ନରେଶ ସବୁ ପାଇ ବି ଧାଇଁଥାଏ ଅଳକାର ମୁହଁ ଦେଖିବା ପାଇଁ ।

ଅଳକା ବି ଘରଣୀପଣର ହାବୁଡ଼ାରୁ ଆଯୁ ପଚିଶି ବର୍ଷ ପାରକଲାଣି ବହୁତ ଦିନରୁ । ତାହାର ମାଈ ନଖଗୁଡ଼ା ନ ପାଚଲେ ବି ସେମିତି ବୁଢ଼ାଳିଆ ଦିଶିଲାଣି । ନରେଶ ନଖ କରଡ଼ା ହୋଇଛି । ଦାନ୍ତ ମୂଳର ମାଢ଼ି ଖାଇଯାଇ ଦାନ୍ତକୁ ଦେଡ଼ଗୁଣା ଲମ୍ବା କଲେଣି । ଦାନ୍ତ ଉପରେ ହଳଦିଆ ଡାଉବୋଳ ବସିଗଲାଣି । ମଝିରେ ମଝିରେ ଗୋଟାଏ ଗୋଟାଏ ହଲୁଛି । କଥା କହିଲାବେଳେ ଅଳକା ତାହାର ଦାନ୍ତକୁ ଆଙ୍ଗୁଠିରେ ଏପାଖ ସେପାଖ କରୁଥାଏ । ମୁଣ୍ଡ-ଉପରୁ ବାଳ ଛ’ପାଣି ଉଡ଼ିଗଲାଣି, କପାଳ ଉପରେ କେତେ ଗାର ତିଆରିହୋଇଛି । ଆଖି ଗୃଦ୍ରଆଡ଼ କାଉଗୋଡିଆ ହୋଇଗଲାଣି ।

ସେତେବେଳେ ଅଳକାର ହସ ନରେଶ ଆଖିରେ ସବୁଠାରୁ ସୁନ୍ଦର । ଏଠି ସେଠି ସେ ଯୁବତୀ ତରୁଣୀ ଅନେକ ଦେଖୁଛି, ମୁହଁରେ ଦାଗ ପଡ଼ି ନାହିଁ । କାହାର କାହାର ମନରେ ବି ଗୋଟିଏ ଗାର ପଡ଼ି ନାହିଁ । ତଥାପି ସେ ମାଦକତା ପାଏ ନାହିଁ । ଅସଲ ପ୍ରେମିକପରି ସେ ଖୋଜେ ଅନୁଭୂତିର ଆନନ୍ଦ । ଯାହାର ଅନୁଭୂତି ନାହିଁ, ସେ

ଅଳକା ନବଡ଼ କୃତଜ୍ଞତାରେ ନରେଶକୁ ମନେପକାଏ । ଜଣେ ଲୋକ ସେହି ନରେଶ ହେଲା—ସେହି ଏକା ନାରୀର ନାରୀତ୍ୱ ବୁଝିଲା,ପ୍ରେମିକର ମର୍ଯ୍ୟାଦା ରଖିଲା । ଅଳକା ଭାବିଲା, ନୂଆ ବର୍ଷରେ ନରେଶକୁ ଡାକିବ ଓ କହିବ ତାହାକୁ କିଛି ଆଉ ବାରଣ ନାହିଁ ।

ଭାବିଲାବେଳେ ଅଳକାର ଓଠ ଥରିଗଲା । ମୁହଁ ଲାଲ ହୋଇ-ଆସିଲା । ସନ୍ଦେହ ହେଲା ନରେଶ ଉପରେ । ସେ କ'ଣ ତାହାର ସ୍ୱାମୀଙ୍କ ପରି ଜଣେ ପଶୁ ? ପ୍ରେମିକ ପଶୁ ହୋଇପାରେ ନା—ହୋଇପାରୁଥିଲେ ନରେଶ କଣ ପଚିଶି ବର୍ଷ ଅଳକା ମୁହଁରେ ହସ ଆଣିପାରିଥାନ୍ତା ? ନରେଶ କ'ଣ ଭୁଲ ବୁଝିବ ନାହିଁ ?

ଅଳକାର ମନରେ ଦ୍ୱନ୍ଦ୍ୱ ଆସିଲା—ହଁ ଓ ନାଁ ର ଦ୍ୱନ୍ଦ୍ୱ । କରିବା ନ କରିବାର ଦ୍ୱନ୍ଦ୍ୱ ।

ବର୍ଷଟି ସରିବାର ଶେଷ ମାସଟି । ଅଳକା ଓ ନରେଶ ଦୁହେଁ ଭାବୁଛନ୍ତି ପରସ୍ପର କଥା । ନରେଶ ଭାବୁଥିଲା ନୂଆ ବର୍ଷରେ ଯାଇ ମେଲାଣି ନେବ—ଚିରଦିନ ପାଇଁ ତାହାର ପ୍ରେମିକା ଅଳକାଠାରୁ ମେଲାଣି । ଅଳକା ଭାବୁଥିଲା ନରେଶକୁ ପାଖକୁ ନେବ । ଚିରଦିନ ଅଳକା ହେବ ନରେଶର—ଦେହରେ ଓ ମନରେ ।

କିନ୍ତୁ ଦୁହିଁଙ୍କ ମନରେ ଗୋଟିଏ ସନ୍ଦେହ । ଦୁହେଁ ଭାବନ୍ତି, ବୋଧହୁଏ ସେତିକି ହୋଇପାରିବ ନାହିଁ । ନରେଶ ମନେକରେ ମେଲାଣି ନେଇ ଆସିବାକୁ; ତାହାର ସ୍ମୃତି ଭୁଲେଇବ ନାହିଁ । ଅଳକା ମନେକରେ ନରେଶକୁ କ'ଣ ବୁଝେଇପାରିବ ଯେ ସେ ତାହାର ଶେଷ ଦାନ ଦେବାକୁ ଅନୁରୋଧ ଜଣାଉଛି । ସତେ କ'ଣ ନରେଶ ତାହାକୁ ଗ୍ରହଣ କରିବ ?

ବର୍ଷର ଶେଷ ଦିନ ନରେଶର ଛୁଟି । ସେ ଶୀତଦିନ ଜାଡ଼ର ଦେଖନା କରି କମ୍ବଳଭିତରେ ସେହି ଅଳକା କଥା ଭାବୁଥିଲା । ଅଳକାର ସବୁ ଅଛି, ନରେଶର କିଛି ନାହିଁ । ଅଳକା ଯେତିକି ଚାହିଁଛି, ସେତକ ସେ ନେଇଛି ଏହି ପଚିଶି ବର୍ଷର ସବୁଦିନ । ନରେଶ ଯାହା ପଚିଶି ବର୍ଷ ତଳେ ମାଗିଥିଲା ସେତକ ଦିଆ-ହେଇ ନାହିଁ ତାହାକୁ—ସେହି ପଚିଶି ବର୍ଷରେ ।

ନରେଶ ଠିକ୍ କରିଛି, ନୂଆ ବର୍ଷରେ ଯାଇ ଅଳକା ପାଖରେ ପହଞ୍ଚିବ । ଅନେକ ଦିନରୁ ଯାଇ ନାହିଁ । ଅଳକାର ଦରକାର କିଛି ପଡ଼ି ନାହିଁ । ସୁଖ ଦେଉ ଦୁଃଖ ଦେଉ, ତାହାର ଯାହା ଇଚ୍ଛା ସେତକ କରିଯାଇଛି ।

ସେହିଦିନ ଅଳକାର ବହୁତ ବେଶି ମନେପଡ଼ୁଛି ପୁରୁଣା କଥା । କେତେ କାକୁତିରେ ନରେଶ ଅଳକା ପାଖରେ ଆସି ହାତ ପତେଇଛି, କିଛି ପାଇ ନାହିଁ । କାରଣ ପ୍ରେମିକ ଚିରଦିନ ଭିକାରି । ପ୍ରେମିକା ଯାହା ଦିଏ ସେତିକ ପ୍ରେମିକର ପ୍ରାପ୍ୟ । ସେଥିଭିତରେ ବିଧା, ଗୋଇଠା, ଯୋତା, ଚଟି, ଠିଙ୍କା, ସୁନା, ଯାହା ବି ଥାଉ । ପ୍ରେମିକା ହେଉଛି ଦାତା ଓ ପ୍ରେମିକ ହେଉଛି ଭିକାରି ।

ଅଳକାକୁ ଲାଗିଲା ଯେମିତି ନରେଶ ଆଉ ଆସିବ ନାହିଁ । ନ ଆସିବା କଥା ଭାବିଲେ, ଅଳକାର ସାରା ଦେହ, ଜୀବନର ଚାଳିଶି ବର୍ଷ ଯେମିତି ଦୋହଲିଆସେ । ତାହାକୁ ଡର ଲାଗିଲା । ସେ କ'ଣ ବାଧୁଣୀ ହେଇଯାଇଛି ?

ତାହାର ସ୍ୱାମୀ ପିଲାଙ୍କର ଫଟୋ ଆଣି କେତେଥର ଚାହିଁଲା । ଏହି ଏତକ ତାହାର ପୁଞ୍ଜି । ଈଶ୍ୱର ତାହାକୁ ସେତିକ ଦେଇଛନ୍ତି ଆଉ ସେମାନଙ୍କର ରହିବା ଓ ଚଳିବାର ସୁବିଧାପାଇଁ କୋଇଠି

ରିକ୍ସାବାଲା ତାଙ୍କର ପଛେପଛେ ସେଇ ଶ୍ରୋତାଙ୍କୁ ନେଇ ଗ୍ଭଲିଲା । ମୁହଁ ପୋଡି ସୁରବାବୁ ଗ୍ଭଲିଲେ । ଆଉ ଖଣ୍ଡେ ରିକ୍ସା ଧରିଲା ବେଳକୁ ପୁରୁଣା ରିକ୍ସାବାଲା ଧାଇଁଆସି ପାଗଳଟାଏ ବୋଲି ହୁରି ପକାଇ ସେତକ ମାଟି କରିଦେଲା ।

ସଫା ଲୁଗା ନାଲି ହୋଇଗଲାଣି ମାଟିରେ ପଡ଼ି । ବନ୍ଧୁ ମଧ ଶତ୍ରୁତା କରିବାକୁ ତିଆର । ଅନେକ ଦିନର ଆକର୍ଷଣ ଓ ଅଭ୍ୟାସ ଯୋଗୁଁ ଏହିଟିକୁ ନେଇ ସୁରବାବୁ ଘରକୁ ଗ୍ଭଲିଲେ ।

ଭାବିଲେ ସେଦିନ ସକାଳେ କି ଦୁର୍ଯୋଗ ନ ଥିଲା ! ବୃଥାରେ ଘରୁ ବାହାରି ମାଡ଼ଗାଳି ଶୁଣିବାପାଇଁ ଥିଲା । ଦୋଷଟା ତାଙ୍କର କି କୁକୁରର, କି ଜ୍ୟୋତିଷଙ୍କର ଠିକ୍ କରି ନ ପାରି ବହୁତବେଳକୁ ଧରିନେଲେ ସେହି ଅବଧାନର । ଠିକ୍ କଲେ ଘରେ ଯାଇ ପହଞ୍ଚିଲେ ସେ କଥା ବୁଝିବେ ।

ଏଣେ ଘରଣୀଙ୍କର କାମରେ ମନ ଲାଗୁନାହିଁ । ତଥାପି ବାବୁଙ୍କ ପାଇଁ ମନଲାଖି ରୋଷେଇ କରିବାକୁ ଇଚ୍ଛା । କାମ ଗ୍ଭଲିଥାଏ, କିନ୍ତୁ ମନ ଥାଏ ବାବୁଙ୍କର ସାହାବ କୋଠିରେ ଓ ଭଗବାନଙ୍କଠାରେ । ଏହି ଧାନରେ ଗୋଳମାଳ କରି ପିଲାଏ ସେଦିନ ଭଲ ଉତ୍ତମମଧ୍ୟମ ପାଇଲେ ।

କାମ ଭିତରେ ଥରକୁ ଥର ଯାଇ ଦୁଆର ଦେଖିଆସନ୍ତି । ଥରେ ଦେଖିଲେ ବାବୁ ଗ୍ଭଲିଚନ୍ତି ଖାଲି ଗୋଡ଼ରେ । କୁକୁର ଟାଣି ହୋଇହୋଇ ଆସୁଚି । ପଛରେ ଆଉ ତିନୋଟି ବାରବୁଲା କୁକୁର । ବାବୁଙ୍କର ଲୁଗାତଳେ ଲୋଟିଚି, ମୁଣ୍ଡ ଅଲରା ।

